# ବିଜ୍ଞାପନ

## ୩୦ ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୧୮ ଓ ୭ମ ରାଜ୍ୟ ଟେଲି ପୁରସ୍କାର-୨୦୧୮ ପାଇଁ ଦରଖାସ୍ତ ଆହ୍ୱାନ

ରାଜ୍ୟରେ ଉଚ୍ଚକୋଟୀର ଗୁଣବତ୍ତା ସମ୍ପନ୍ନ ଓଡ଼ିଆ ଚଳଚ୍ଚିତ୍ର ଓ ଦୂରଦର୍ଶନରେ ପ୍ରସାରିତ ଧାରାବାହିକ ତଥା ଟେଲି ଚଳଚ୍ଚିତ୍ର ନିର୍ମାଣକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ବର୍ଷ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଓ ରାଜ୍ୟ ଟେଲି ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଅଛି । ଚଳିତ ବର୍ଷ ରାଜ୍ୟ **ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ବିଭାଗ ତରଫରୁ **୩୦** ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୧୮ ପାଇଁ ୨୭ ଗୋଟି ବିଭାଗରେ ଓ ରାଜ୍ୟ **୭ମ** ଟେଲି ପୁରସ୍କାର-୨୦୧୮ ପାଇଁ ୨୦ ଗୋଟି ବିଭାଗରେ ପୁରସ୍କାର ପ୍ରଦାନ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଆଗ୍ରହୀ ପ୍ରଯୋଜକମାନେ ଆସନ୍ତା ତା ୩୧.୦୭.୨୦୧୯ ରିଖ ମଧ୍ୟରେ ସେମାନଙ୍କ ଦ୍ୱାରା ନିର୍ମିତ ନିମ୍ନ ସର୍ତ୍ତାବଳୀ ମଧ୍ୟରେ ଆସୁଥିବା ଓଡ଼ିଆ ଚଳଚ୍ଚିତ୍ର ଓ ଓଡ଼ିଆ ଦୂରଦର୍ଶନ ଧାରାବାହିକ/ଟେଲି ଚଳଚ୍ଚିତ୍ର ଗୁଡ଼ିକୁ **ଉଭୟ** DVD Format ଏବଂ Pendrive ରେ ରାଜ୍ୟ ସଂସ୍କୃତି ନିର୍ଦ୍ଦେଶାଳୟ କାର୍ଯ୍ୟାଳୟରେ ଦାଖଲ କରିପାରିବେ । ଦାଖଲ କରାଯାଉଥିବା DVD ଗୁଡ଼ିକର ୧. କାହାଣୀ (୧୦ କପି), ୨. ସମସ୍ତ ଗୀତର ଗୀତିକାର ତଥା ଗାୟକ ମାନଙ୍କର ସମ୍ପୂର୍ଣ୍ଣ ବିବରଣୀ (୧୦ କପି), ୩. କଳାକାର ଓ ଟେକ୍ନିସିଆନ୍ ମାନଙ୍କର ସମ୍ପୂର୍ଣ୍ଣ ନାମ ଓ ଠିକଣା ତଥା ମୋବାଇଲ ନମ୍ବର (୧୦ କପି) ଲେଖାଏଁ ସଂଲଗ୍ନ କରାଯିବା ଆବଶ୍ୟକ । ଏତଦ୍‌ବ୍ୟତୀତ ପ୍ରତ୍ୟେକ DVD ପାଇଁ Censor Certificate ର ଆଟେଷ୍ଟେଡ୍ କପି ସଂଲଗ୍ନ କରାଯିବା ବାଧ୍ୟତାମୂଳକ ଅଟେ । ସର୍ତ୍ତାବଳୀ ବହିର୍ଭୁତ କିମ୍ବା ଆବଶ୍ୟକୀୟ ଉପରୋକ୍ତ ପ୍ରମାଣପତ୍ର ତଥା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରାଯାଇ ନ ଥିବା DVD/ Pendrive ଗୁଡ଼ିକୁ ଚୟନ କମିଟିର ବିଚାର ପାଇଁ ଯୋଗ୍ୟ ବିବେଚିତ କରାଯିବ ନାହିଁ । ଟେଲି ଧାରାବାହିକ ପୁରସ୍କାର ୨୦୧୮ ପାଇଁ ସେହି ବର୍ଷ ପ୍ରସାରିତ ହୋଇଥିବା ଏପିସୋଡ୍ ଗୁଡ଼ିକ ମଧ୍ୟରୁ ଯେକୌଣସି ଏକ ସମ୍ପୂର୍ଣ୍ଣ ଏପିସୋଡ୍‌ର DVD (୨୫ ମିନିଟ୍ ଅବଧି) ଏବଂ ମନୋନୟନ ପ୍ରକ୍ରିୟା ସହ ସମ୍ପୃକ୍ତ ବିଭିନ୍ନ ଅଭିନେତା ଅଭିନେତ୍ରୀ ଯଥା ମୁଖ୍ୟ ଅଭିନେତା, ଅଭିନେତ୍ରୀ, ହାସ୍ୟ ଅଭିନେତା, ଚରିତ୍ର ଅଭିନେତା/ଅଭିନେତ୍ରୀ, ଖଳ ନାୟକ/ଖଳ ନାୟିକା, ଶିଶୁ କଳାକାରଙ୍କ ଅଭିନୟର ଅଂଶ ସମ୍ବଳିତ DVD ଦରଖାସ୍ତ ସହ ଦାଖଲ କରିବା ବାଞ୍ଛନୀୟ । ଏଥି ସହିତ ଧାରାବାହିକର ଟାଇଟିଲ୍ କାର୍ଡ଼ ସମ୍ବଳିତ ଅନ୍ୟ ଏକ DVD ମଧ ଦାଖଲ କରିବା ଆବଶ୍ୟକ । ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ତଥ୍ୟ ପରବର୍ତ୍ତୀ କାଳରେ ପରିବର୍ତ୍ତନ କରାଯାଇ ପାରିବ ନାହିଁ ।

ଉପରୋକ୍ତ **୩୦**ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୧୮ ଓ ରାଜ୍ୟ **୭ମ** ଟେଲି ପୁରସ୍କାର-୨୦୧୮ ପାଇଁ ଆବେଦନ ଫର୍ମ (Schedule-II), ମନୋନୟନ ପତ୍ର, ସତ୍ୟପାଠର ନମୁନା ଓ ଅନ୍ୟାନ୍ୟ ବିଶଦ ବିବରଣୀ ବିଭାଗର ୱେବ୍‌ସାଇଟ୍- www.odishaculture.gov.in ରେ ଉପଲବ୍ଧ ଅଛି ।

**ସର୍ତ୍ତାବଳୀ:**

୧. ଚଳଚ୍ଚିତ୍ର ଓ ଟେଲି ଚଳଚ୍ଚିତ୍ର ଗୁଡ଼ିକ ୨୦୧୮ ବର୍ଷ (ତା ୦୧.୦୧.୨୦୧୮ ରିଖ ଠାରୁ ତା ୩୧.୧୨.୨୦୧୮ ରିଖ) ମଧ୍ୟରେ ନିର୍ମିତ ହୋଇଥିବା ଆବଶ୍ୟକ । ଟେଲି ଧାରାବାହିକ ଗୁଡ଼ିକ ୨୦୧୮ ବର୍ଷ (ତା ୦୧.୦୧.୨୦୧୮ ରିଖ ଠାରୁ ତା ୩୧.୧୨.୨୦୧୮ ରିଖ) ମଧ୍ୟରେ ପ୍ରସାରିତ ହୋଇଥିବା ବାଞ୍ଛନୀୟ ଏବଂ ସମ୍ପୃକ୍ତ ଚ୍ୟାନେଲ୍ ଠାରୁ ସେଗୁଡ଼ିକର ପ୍ରସାରଣ ପ୍ରମାଣପତ୍ର (ଟେଲିକାଷ୍ଟ ସାର୍ଟିଫିକେଟ) ଦରଖାସ୍ତ ସହ ସଂଯୁକ୍ତ କରିବା ବିଧେୟ ।

୨. କେବଳ ଓଡ଼ିଆ ଭାଷା ଓ ଓଡ଼ିଆ ଜନଜାତି ଭାଷାରେ ରାଜ୍ୟରେ ନିର୍ମିତ ଚଳଚ୍ଚିତ୍ର / ଧାରାବାହିକ / ଟେଲି ଚଳଚ୍ଚିତ୍ର ଗୁଡ଼ିକୁ ପୁରସ୍କାର ପାଇଁ ଦାଖଲ କରାଯାଇ ପାରିବ ।

୩. ଅଧିକନ୍ତୁ, କେନ୍ଦ୍ର ସରକାର, ରାଜ୍ୟ ସରକାର କିମ୍ବା ଏଜେନ୍ସି ଦ୍ୱାରା ପ୍ରାଧିକୃତ କୌଣସି ଚଳଚ୍ଚିତ୍ର ଓ ଟେଲି ଧାରାବାହିକ ତଥା ଟେଲି ଚଳଚ୍ଚିତ୍ର ଗୁଡ଼ିକୁ ପୁରସ୍କାର ପାଇଁ ଗ୍ରହଣ କରାଯିବ ନାହିଁ ।

୪. ନିର୍ଦ୍ଧାରିତ ତିନିକିତା ଆବେଦନପତ୍ର ସହିତ ଫିଚର ଫିଲ୍ମ ପାଇଁ ଟ.୩,୦୦୦/- ଙ୍କା (ଅଣଫେରସ୍ତ) ଓ ନନ୍-ଫିଚର ଫିଲ୍ମ ପାଇଁ ଟ.୧,୫୦୦/- ଙ୍କା (ଅଣଫେରସ୍ତ) ବ୍ୟାଙ୍କ୍ ଡ୍ରାଫ୍ଟ ନିର୍ଦ୍ଦେଶକ, **ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି**, ଓଡ଼ିଶାଙ୍କ ସପକ୍ଷରେ ଦାଖଲ କରାଯିବା ଆବଶ୍ୟକ ।

୫. ଦରଖାସ୍ତ ପଠାଇବାର ଠିକଣା: ସଂସ୍କୃତି ନିର୍ଦ୍ଦେଶାଳୟ, ଓଡ଼ିଶା, ସଂସ୍କୃତି ଭବନ, ଭୁବନେଶ୍ୱର-୧୪ ଓ ଦରଖାସ୍ତ ଗ୍ରହଣର ଶେଷ ତାରିଖ : ୩୧.୦୭.୨୦୧୯ ।

୬. ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ସରକାରଙ୍କ ଦ୍ୱାରା ପ୍ରଣୀତ ରାଜ୍ୟ ଚଳଚ୍ଚିତ୍ର ନିୟମ-୨୦୧୦ ଓ ସେହିପରି ରାଜ୍ୟ ଟେଲି ପୁରସ୍କାର ପ୍ରଣୀତ ରାଜ୍ୟ ଟେଲି ପୁରସ୍କାର ନିୟମ-୨୦୧୩ ଅନୁଯାୟୀ କାର୍ଯ୍ୟକାରୀ ହେବ ।

୭. ଓଡିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ନିୟମ-୨୦୧୦ ଏବଂ ଓଡିଶା ରାଜ୍ୟ ଟେଲି ପୁରସ୍କାର ନିୟମ-୨୦୧୩ ଅନ୍ତର୍ଗତ ସମସ୍ତ ବିଷୟ ଏବଂ ଏ ନିୟମର ସମସ୍ତ ବ୍ୟାଖ୍ୟାନ ରେ ଓଡିଶା ସରକାରଙ୍କ ସିଦ୍ଧାନ୍ତ ଚୂଡାନ୍ତ ।

ସ୍ୱା/-

**ନିର୍ଦ୍ଦେଶକ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**
**ସଂସ୍କୃତି ଭବନ, ରାଜ୍ୟ ସଂଗ୍ରହାଳୟ ପରିସର**
**ଭୁବନେଶ୍ୱର-୭୫୧ ୦୧୪**